# ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଗୁରୁଣ୍ଡିଆ
## OFFICE OF THE PANCHAYAT SAMITI, GURUNDIA
(At/P.O-Gurundia, Pin-770038, Dist-Sundargarh)


ପତ୍ର ସଂଖ୍ୟା ୨୧୧୮/ତା. ୮/୯/୨୦୨୫

**ବିଜ୍ଞାପନ**

ଏତଦ୍ଵାରା ଗୁରୁଣ୍ଡିଆ ପଞ୍ଚାୟତ ସମିତି ଅନ୍ତର୍ଗତ **ତାମଡା ଗ୍ରାମପଞ୍ଚାୟତ** ରେ ସାଧାରଣ ବଣ୍ଟନ ବ୍ୟବସ୍ଥାର ସୁପରିଚାଳନା ପାଇଁ ଜଣେ **"ଯୋଗାଣ ସହାୟକ"** ନିଯୁକ୍ତ କରାଯିବ । ଏଣୁ ତାମଡା ପଞ୍ଚାୟତ ସମିତି ଅନ୍ତର୍ଗତ ତାମଡା ଗ୍ରାମପଞ୍ଚାୟତ ରେ ଯୋଗାଣ ସହାୟକ ପଦବୀ ନିମନ୍ତେ ଇଚ୍ଛୁକ ଯୋଗ୍ୟ ପ୍ରାର୍ଥୀନୀ/ପ୍ରାର୍ଥୀ ମାନଙ୍କ ଠାରୁ ନିମ୍ନ ପ୍ରଦତ୍ତ ଦରଖାସ୍ତ ଫର୍ମରେ ଆବେଦନ ପତ୍ର ଆହ୍ୱାନ କରାଯାଉଛି ।

**ଆବେଦନକାରୀଙ୍କ ଯୋଗ୍ୟତା:**

୧. ପ୍ରାର୍ଥୀ ସଂପୃକ୍ତ ଗ୍ରାମପଞ୍ଚାୟତ ଅଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ ।

୨. ପ୍ରାର୍ଥୀ ଅତିକମରେ ଦଶମ (10TH ପାସ୍) ହୋଇଥିବା ଆବଶ୍ୟକ ।

୩. ପ୍ରାର୍ଥୀଙ୍କର ୦୧/୦୯ /୨୦୨୫ରିଖ ସୁଦ୍ଧା ୨୧ ବର୍ଷରୁ କମ କିମ୍ବା ୩୫ ବର୍ଷରୁ ଉର୍ଦ୍ଧ୍ୱ ହୋଇନଥିବା ଆବଶ୍ୟକ ।

**ଚୟନ ପଦ୍ଧତି**

ଯୋଗାଣ ସହାୟକ ନିଯୁକ୍ତି ପାଇଁ ଆବେଦନକାରୀଙ୍କ ମାଟ୍ରିକ୍ୟୁଲେସନ, +୨, +୩ ପରୀକ୍ଷାରେ ଉପଲବ୍ଧ ପାଶ ନମ୍ବରର ଶତକଡା ହାରକୁ ନେଇ ଅଗ୍ରାଧିକାର କ୍ରମ ତାଲିକା ତିଆରି କରାଯିବ ଏବଂ ତହିଁରୁ ପ୍ରଥମ ସ୍ଥାନ ରେ ଥିବା ଆବେଦନକାରୀଙ୍କୁ ନିଯୁକ୍ତି ଦିଆଯିବ । ଯେଉଁଥିରେ ମାଟ୍ରିକ୍ ପାଇଁ ୩୦%, +୨ ପାଇଁ ୩୦% ଏବଂ +୩ ନିମନ୍ତେ ୪୦% ହିସାବରେ ଗଣନା କରାଯିବ । ଗୋଷ୍ଠୀଉନ୍ନୟନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଗଠିତ ଚୟନ କମିଟି ଜିଲ୍ଲାପାଳ କିମ୍ବା ତାଙ୍କ ପ୍ରାଧୀକୃତ ଅଧିକାରୀଙ୍କୁ ନିକଟକୁ ଉକ୍ତ ନାମ ତାଲିକାକୁ ଚୁଡାନ୍ତ ଅନୁମୋଦନ ନିମନ୍ତେ ପ୍ରେରଣ କରାଯିବ ।

**ପାରିଶ୍ରମିକ**

ନିଯୁକ୍ତପ୍ରାର୍ଥୀ (ଯୋଗାଣସହାୟକ) ମାସିକଟ. ୮,୦୦୦/- **(ଆଠହଜାର ଟଙ୍କା ମାତ୍ର )** ମାସିକ ପାରିଶ୍ରମିକ ପାଇବେ ।

**ଆବେଦନ ପତ୍ର ଗ୍ରହଣର ଶେଷ ତାରିଖ**

ନିମ୍ନ ଲିଖିତ ଆବଶ୍ୟକୀୟ ପ୍ରମାଣ ପତ୍ର ସହିତ ଆବେଦନ ପତ୍ର ତା ୧୦/୧୦/୨୦୨୫ ରିଖ ସୁଦ୍ଧା ଗୋଷ୍ଠୀଉନ୍ନୟନ ଅଧିକାରୀ, ଗୁରୁଣ୍ଡିଆଙ୍କ କାର୍ଯ୍ୟାଳୟରେ ରେଜିଷ୍ଟ୍ରି/ଶୀଘ୍ର ଡାକ **(Registered/Speed Post)** ଯୋଗେ ପହଞ୍ଚିବା ଆବଶ୍ୟକ । ଉକ୍ତ ତାରିଖ ପରେ ପ୍ରାପ୍ତ ହୋଇଥିବା ଆବେଦନ ପତ୍ର ଗୁଡିକୁ ବିଚାର କୁ ନିଆଯିବ ନାହିଁ ।

**ଆବେଦନ ସହ ଆବଶ୍ୟକୀୟ ପ୍ରମାଣପତ୍ର:**

ଆବେଦନ କାରୀ ମାନେ ଆବେଦନ ପତ୍ର ସହିତ ନିମ୍ନ ଲିଖିତ ଆବଶ୍ୟକୀୟ ପ୍ରମାଣ ପତ୍ରର ଅବିକଳ ନକଲ ଗେଜେଟେଡ୍ ଅଧିକାରୀଙ୍କ ଠାରୁ ଅନୁପ୍ରମାଣିତ (ଆଟେଷ୍ଟେଡ୍) କରି ନିଜର ଦସ୍ତଖତ ସହ ଦାଖଲ କରିବେ ।

୧. ମାଟ୍ରିକ୍ୟୁଲେସନ, +୨ ଓ +୩ ପରୀକ୍ଷାର ଉତ୍ତୀର୍ଣ୍ଣ ସାର୍ଟିଫିକେଟ୍ ଓ ମାର୍କସିଟ୍ ।

୨. ତହସିଲଦାରଙ୍କ ଦ୍ୱାରା ପ୍ରଦତ୍ତ (ବିଗତ ୦୬ ମାସ ମଧ୍ୟରେ ଚାକିରୀ ପାଇଁ ଉଦ୍ଦିଷ୍ଟ ) ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ।

୩. ଦୁଇଗୋଟି(୨) ପାସପୋର୍ଟ ସାଇଜ ଫଟୋଗ୍ରାଫ୍ ।

୪. ନିଜ ଠିକଣା ଉଲ୍ଲେଖ ଥିବା ଓ ପ୍ରତ୍ୟେକରେ ୩୦ ଟଙ୍କା ଲେଖାଏଁ ଡାକଟିକେଟ ଲାଗିଥିବା ଦୁଇଗୋଟି (୨) ୨୫ସେ.ମି. X ୧୨ସେ.ମି. ସାଇଜର ଲଫାପା ।

ଦରଖାସ୍ତ ଫର୍ମ ଓ ତତ୍ ସଂଲଗ୍ନ ପ୍ରମାଣ ପତ୍ର ଥିବା ଲଫାପା ଉପରେ "ତାମଡା **ଗ୍ରାମ ପଞ୍ଚାୟତରେ ଯୋଗାଣ ସହାୟକ ପାଇଁ ଆବେଦନ ପତ୍ର"** ତାହା ଉଲ୍ଲେଖ ଥିବା ଆବଶ୍ୟକ ।

Scanned with OKEN Scanner

**ସର୍ତ୍ତାବଳୀ:**

୧.ଯୋଗାଣ ସହାୟକ ନିଯୁକ୍ତି ସମ୍ପୂର୍ଣ୍ଣ ଅସ୍ଥାୟୀ । ନିଯୁକ୍ତି ପାଇଥିବା ବ୍ୟକ୍ତିଙ୍କ ପାଇଁ ଆଇନଗତ କିମ୍ବା ଅଦାଲତର ବ୍ୟବସ୍ଥାକୁ ବର୍ତ୍ତମାନ କିମ୍ବା ଭବିଷ୍ୟତରେ ବିଚାରକୁ ନିଆଯିବ ନାହିଁ ।

୨.ସ୍ୱାକ୍ଷରକାରୀଙ୍କ ଠାରେ ଆବେଦନକାରୀଙ୍କ ଆବେଦନ ପତ୍ର କିମ୍ବା ତାଙ୍କର ଚୟନ ପ୍ରକ୍ରିୟା ଓ ନିଯୁକ୍ତି କୁ ବିନା ସର୍ତ୍ତରେ କୌଣସି କାରଣ ନଦର୍ଶାଇ ଖାରଜ କିମ୍ବା ରଦ୍ଦ କରିବା କ୍ଷମତା ନ୍ୟସ୍ତ ରହିଛି ।

ବି.ଦ୍ର.: ଏହି ବିଜ୍ଞାପନ ତଥା ଆବେଦନ ପତ୍ର ସୁନ୍ଦରଗଡ଼ ଜିଲ୍ଲା ୱେବସାଇଟ୍ (www.sundargarh.odisha.gov.in) ରେ ମଧ୍ୟ ଉପଲବ୍ଧ ।

୦୪/୦୯/୨୫

ଗୋଷ୍ଠୀଉନ୍ନୟନ ଅଧିକାରୀ
ଗୁରୁଣ୍ଡିଆ

ପରିପତ୍ରସଂଖ୍ୟା ୨୧୧୯ ତା. ୮/୯/୨୦୨୫

ଏହାର ଏକକିତା ନକଲ ଗୁରୁଣ୍ଡିଆ ପଞ୍ଚାୟତ ସମିତି ଅନ୍ତର୍ଗତ **ତାମଡା** ଗ୍ରାମ ପଞ୍ଚାୟତର ସରପଞ୍ଚମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ଗୁରୁଣ୍ଡିଆ ବ୍ଲକ ସହିତ ଗ୍ରାମ ପଞ୍ଚାୟତର ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ କରିବା ନିମନ୍ତେ ଅନୁରୋଧ କରାଗଲା ।

୦୪/୦୯/୨୫

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ଗୁରୁଣ୍ଡିଆ

ପରିପତ୍ରସଂଖ୍ୟା ୨୧୨୦ ତା. ୮/୯/୨୦୨୫

ଏହାର ଏକକିତା ନକଲ **ଜିଲ୍ଲା ଇ-ଗଭର୍ଣ୍ଣାନ୍ସ ମ୍ୟାନେଜର ( DeGM )** ସୁ ନିକଟକୁ ୱେବ ସାଇଟ ତା. ୦୯.୦୯.୨୦୨୫ ରିଖ ରୁ ପ୍ରକାଶନ ନିମନ୍ତେ ଅନୁରୋଧ ସହ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଉପଖଣ୍ଡ ସ୍ତରୀୟ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ , ବଣାଇଁଗଡ଼ /ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁନ୍ଦରଗଡ଼ ଙ୍କ ନିକଟକୁ ଦୁଇଟି ଓଡ଼ିଆ ଦୈନିକରେ ତା. 0୯.୦୯.୨୦୨୫ରିଖ ଦିନ ପ୍ରକାଶନ ନିମନ୍ତେ ଅନୁରୋଧ ସହ ପ୍ରେରଣ କରାଗଲା ।

୦୪/୦୯/୨୫

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ଗୁରୁଣ୍ଡିଆ

ପରିପତ୍ରସଂଖ୍ୟା ୨୧୨୧ ତା. ୮/୯/୨୦୨୫

ଏହାର ଏକକିତା ନକଲ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ସୁନ୍ଦରଗଡ଼ ଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

୦୪/୦୯/୨୫

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ଗୁରୁଣ୍ଡିଆ

ପରିପତ୍ରସଂଖ୍ୟା ୨୧୨୨ ତା. ୮/୯/୨୦୨୫

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ, ବଣାଇ/ ଜିଲ୍ଲାପାଳ, ସୁନ୍ଦରଗଡ଼ଙ୍କ ନିକଟକୁ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

୦୪/୦୯/

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ଗୁରୁଣ୍ଡିଆ

Scanned with OKEN Scanner